# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 September - 2024

### News Editor : Itishree Singh Rathaur

**************************************

## ମୁଖ୍ୟ ସମ୍ବାଦ

- ଆକାଶମାର୍ଗରୁ ବାଲେଶ୍ୱର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ; ସ୍ଥାୟୀ ପ୍ରତିକାର ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ
- ନୂଆଦିଲ୍ଲୀରେ ଆଜି ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରିବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ
- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ ପ୍ରକ୍ରିୟା ଆରମ୍ଭ; ଦିନ ଗୋଟାଏରୁ ବନ୍ଦ ରହିଛି ସର୍ବସାଧାରଣ ଦର୍ଶନ

ଏବଂ

- ରାଜ୍ୟରେ ଆସନ୍ତାକାଲିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ

# ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ ବାଲେଶ୍ୱର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ବନ୍ୟାସ୍ଥିତିର ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲ୍ଲାର ୬ଟି ବ୍ଲକ୍‌ର ୮ ହଜାର ହେକ୍ଟର ଜମି ଜଳମଗ୍ନ ହୋଇଛି। ବିଶେଷକରି ୩ଟି ବ୍ଲକ୍‌ର ୩୫ ଗ୍ରାମପଞ୍ଚାୟତ ବନ୍ୟାଯୋଗୁଁ ପ୍ରଭାବିତ ହୋଇଛି। ତଳିଆ ଅଞ୍ଚଳରୁ ୨ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ବନ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁବର୍ଣ୍ଣରେଖା ନଦୀରେ ବନ୍ୟାସ୍ଥିତି ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉଛି। ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ଯୋଜନା ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

## - V/O -

ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଏବଂ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ବିଜୟ କୁମାର ସାମଲ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସୁବର୍ଣ୍ଣରେଖା ଯୋଗୁଁ ବାଲେଶ୍ୱରର ୩ଟି ବ୍ଲକ୍ ବାଲିଆପାଳ, ଜଳେଶ୍ୱର ଏବଂ ଭୋଗରାଇରେ ବନ୍ୟାସ୍ଥିତି ଦେଖାଦେଇଛି। ପୂର୍ଣ୍ଣମୀ ଯୋଗୁଁ ଜଳ ନିଷ୍କାସନ

ହୋଇପାରୁନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ରାଜଘାଟଠାରେ ସୁବର୍ଣ୍ଣରେଖାର ବିପଦସଙ୍କେତ ୧୦ ଦଶମିକ ୩/୬ ମିଟର ଥିବାବେଳେ ସେଠାରେ ୧୧ ଦଶମିକ ୬ ମିଟର ଜଳ ପ୍ରବାହିତ ହେଉଛି। ସେହିଭଳି ମଥାନୀଠାରେ ଜଳକା ନଦୀର ଜଳସ୍ତର ବିପଦସଙ୍କେତରୁ ସାମାନ୍ୟ ଊର୍ଦ୍ଧ୍ୱରେ ରହିଛି।

## ବାତ୍ସଲ୍ୟ ଯୋଜନା–ନିର୍ମଳା ସୀତାରମଣ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଅପରାହ୍ଣରେ ନୂଆଦିଲ୍ଲୀଠାରେ ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରିବେ। ଓଡ଼ିଶାର ଭୁବନେଶ୍ୱର, ଢେଙ୍କାନାଳ ଏବଂ ବାଲେଶ୍ୱର ସମେତ ଦେଶର ୭୫ଟି ସ୍ଥାନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ଯୋଜନା ଅଧୀନରେ ଅଭିଭାବକମାନେ ସେମାନଙ୍କର ନାବାଳକ ପିଲାମାନଙ୍କ ପାଇଁ ବ୍ୟାଙ୍କ ଜମାଖାତା ଖୋଲି ସେଥିରେ ସଞ୍ଚୟ କରିପାରିବେ। ପିତାମାତାମାନେ ବାର୍ଷିକ ହଜାରେ ଟଙ୍କା ନିବେଶ କରିପାରିବେ । ନାବାଳକରୁ ସାବାଳକ ହେବା ପରେ ଏହି ଆକାଉଣ୍ଟ ନିୟମିତ ଏନ୍‌ପିଏସ୍ (ଜାତୀୟ ପେନ୍‌ସନ ଯୋଜନା) ଆକାଉଣ୍ଟରେ ରୂପାନ୍ତରିତ ହେବ। ଏହି ଯୋଜନା ମାଧ୍ୟମରେ ଅବସର ଜୀବନ ପାଇଁ ସଞ୍ଚୟ କରିବାର ସୁଯୋଗ ମିଳିବ। ଏହାବ୍ୟତୀତ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ନାବାଳକଙ୍କ ପାଇଁ ସ୍ଥାୟୀ ଅବସର ଖାତା ନମ୍ବର - ପ୍ରାନ୍ କାର୍ଡ ବଣ୍ଟନ ପାଇଁ ଏକ ଅନ୍‌ଲାଇନ୍ ପ୍ଲାଟଫର୍ମର ଶୁଭାରମ୍ଭ କରିବେ ।

# ମୁଖ୍ୟମନ୍ତ୍ରୀ–ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ ସୋମବାରଦିନ ଅନୁଷ୍ଠିତ ହେବ। ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ଏହି ଅଭିଯୋଗ ଶୁଣାଣି ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି । ଏଥିପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଆସନ୍ତାକାଲି ପୂର୍ବାହ୍ଣ ୧୧ଟାରୁ ଆରମ୍ଭ ହେବ । ସର୍ବାଧିକ ହଜାରେ ଜଣ ପଞ୍ଜୀକରଣ କରିପାରିବେ । ଜନଶୁଣାଣି ପୋର୍ଟାଲ **janasunani.odisha.gov.in** ଏବଂ ଜନଶୁଣାଣି ମୋବାଇଲ ଆପ୍‌ରେ ଅଭିଯୋଗକାରୀମାନେ ପଞ୍ଜୀକରଣ କରିପାରିବେ ।

## ରାଜ୍ୟପାଳ ପୁରୀ ଗସ୍ତ

ରାଜ୍ୟପାଳ ରଘୁବର ଦାସ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଇଥିଲା। ରାଜ୍ୟପାଳ କହିଛନ୍ତି, ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଚାବି ଖୋଲାଯିବା ସହ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇଛି। ୧୦୦ ଦିନ ଭିତରେ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ୪ ଦ୍ୱାର ଖୋଲାଯାଇଛି। ଏଏସ୍‌ଆଇ ପକ୍ଷରୁ ଆଜି ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କରାଯାଉଛି ବୋଲି ରାଜ୍ୟପାଳ କହିଛନ୍ତି।

## ଏ.ଏସ୍.ଆଇ. ସର୍ଭେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ. ପକ୍ଷରୁ ଆଜି ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ.ଏସ୍.ଆଇ. ଅତିରିକ୍ତ ଡିଜି ଜାହ୍ନବୀ ଶର୍ମାଙ୍କ ନେତୃତ୍ୱରେ ଏ.ଏସ୍.ଆଇ. ଏବଂ ଶ୍ରୀମନ୍ଦିର ପ୍ରଶାସନର ୨୬ ଜଣିଆ ମିଳିତ ଟିମ୍ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ନିରୀକ୍ଷଣ ପ୍ରକ୍ରିୟା ଚାଲିଛି । ତେବେ ଶ୍ରୀଜୀଉଙ୍କ ନୀତିକାନ୍ତି ଏବଂ ସେବାପୂଜାରେ ବ୍ୟାଘାତ ନ ହୋଇ ନିରୀକ୍ଷଣ ପ୍ରକ୍ରିୟା ଜାରି ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି । ଏଥିପାଇଁ ଅପରାହ୍ଣ ଗୋଟାଏରୁ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଛି । ନିରୀକ୍ଷଣ ତଥା ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କର ଦର୍ଶନ କରିପାରିବେ । ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଯାଞ୍ଚ ପ୍ରକ୍ରିୟା ଚାଲିଛି ।

ଅନ୍ୟପକ୍ଷରେ ଏ.ଏସ୍.ଆଇ. ପକ୍ଷରୁ ଆଜି କୋଣାର୍କ ସୂର୍ଯ୍ୟ ମନ୍ଦିରର ମଧ୍ୟ ସ୍ଥିତି ଅନୁଧ୍ୟାନ କରାଯାଇଛି । ଏ.ଏସ୍.ଆଇ.ର ଅତିରିକ୍ତ ଡିଜିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଏଥିରେ ସାମିଲ ହୋଇଥିଲେ । କୋଣାର୍କ ମନ୍ଦିରର ଜଗମୋହନରୁ ବାଲିକଢ଼ାକୁ ନେଇ ଏ.ଏସ୍.ଆଇ.ର ପଦକ୍ଷେପ ପରେ ଏହି ସ୍ୱତନ୍ତ୍ର ଟିମ୍ ସ୍ଥିତି ଅନୁଧ୍ୟାନ କରିଛି । ସୂଚନାଯୋଗ୍ୟ, ଗତ ୨୦୨୨ ସେପ୍ଟେମ୍ବର ମାସରୁ କୋଣାର୍କ ଜଗମୋହନରୁ ଏ.ଏସ୍.ଆଇ. ପକ୍ଷରୁ ବାଲିକାଢ଼ିବା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ।

## ଅପରପକ୍ଷ

ଆଶ୍ୱିନ ମାସର କୃଷ୍ଣପକ୍ଷ ଆଜିଠାରୁ ଆରମ୍ଭ ହୋଇଛି । ଏହି ପକ୍ଷକୁ ଅପରପକ୍ଷ କୁହାଯାଏ । ଅପରପକ୍ଷ ଆସନ୍ତା ମାସ ୨ ତାରିଖ ଅମାବାସ୍ୟା ତିଥି ପର୍ଯ୍ୟନ୍ତ ଚାଲିବ । ଅପରପକ୍ଷରେ ପିତୃ ପୁରୁଷଙ୍କର ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରିଥାନ୍ତି । ପିତୃ ପୁରୁଷଙ୍କୁ ପିଣ୍ଡଦାନ ତଥା ମହାଳୟା ଶ୍ରାଦ୍ଧ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ତୀର୍ଥରାଜ ମହୋଦଧୀ, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ସମେତ ଯାଜପୁରର ନାଭିଗୟା, ଭୁବନେଶ୍ୱର ଏକାମ୍ର କ୍ଷେତ୍ରରେ ବିନ୍ଦୁସାଗର ପୁଷ୍କରଣୀ କୂଳରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ । ଏହି ସମୟରେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଗତି ହୋଇଥିବାରୁ ଦେବଦେବୀଙ୍କର ଶୟନ କାଳରେ ପିତୃକାର୍ଯ୍ୟ କରିବା କର୍ମକାଣ୍ଡରେ ବ୍ୟବସ୍ଥା ରହିଛି ।

## ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ନୀତି

ଭାଦ୍ରବ ପୂର୍ଣ୍ଣମା ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ନୀତି ଓ ଇନ୍ଦ୍ର ହାତୀ ନୀତି ଅନୁଷ୍ଠିତ ହେଉଛି । ସଂଧ୍ୟା ଆଳତି ସରିବା ପରେ ଠାକୁରଙ୍କ ଆଜ୍ଞାମାଳ ପ୍ରାପ୍ତି ପରେ ଶ୍ରୀଦୋଳଗୋବିନ୍ଦଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯିବ । ଏକ ପଟୁଆରରେ ଠାକୁରଙ୍କ ପାଲିଙ୍କି ସିଂହଦ୍ୱାର ନିକଟରେ ପହଂଚିବା ପରେ ଠାକୁରଙ୍କୁ ଶୀତଳ ଭୋଗ ଅର୍ପଣ ପରେ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କୁ ବନ୍ଦାପନା କରାଯିବା ସହ ସେଠାରେ ଇନ୍ଦ୍ର ହାତୀ ନୀତି ଅନୁଷ୍ଠିତ ହେବ । ଏହା ପରେ ଠାକୁର ମାନେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିବେ ।

## ସ୍ୱଚ୍ଛତା ହିଁ ସେବା

‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ ଆଜି **ନୟାଗଡ଼** ସହରରେ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାକୁ  ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ ପତାକା ଦେଖାଇ  ଶୁଭାରମ୍ଭ କରିଥିଲେ । ସ୍ୱଚ୍ଛତା ପ୍ରତି ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆୟୋଜିତ ଏହି ଶୋଭାଯାତ୍ରା ଜିଲ୍ଲା ପାଠାଗାରଠାରୁ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ।

**ନୂଆପଡ଼ା** ଜିଲ୍ଲା ଖଡିଆଳ ଏନ.ଏ.ସି. ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ୧ ନମ୍ବର ଓ୍ୱାର୍ଡରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଖଡିଆଳ ଥାନା ପରିସର ମଧ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ସ୍ୱଚ୍ଛତା ଶପଥ-ଆକାଶବାଣୀ

ଆକାଶବାଣୀ କଟକ ସମ୍ବାଦ ବିଭାଗ ପକ୍ଷରୁ  କାର୍ଯ୍ୟାଳୟଠାରେ ଆଜି ‘ସ୍ୱଚ୍ଛତା ହିଁ ସେବା’ ଅଭିଯାନ ଅଧିନରେ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୋଡାଲ୍ ଅଧିକାରୀ ତଥା ସମ୍ବାଦ ବିଭାଗର ସମ୍ପାଦକ **ତପନ କୁମାର ମହାରଣା**ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶପଥପାଠ କାର୍ଯ୍ୟକ୍ରମରେ ବିଭାଗୀୟ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ଏହି ଅଭିଯାନ ଅଧିନରେ କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି ।

## ବାଉଁଶ ମିଶନ

ବିଶ୍ୱ ବାଉଁଶ ଦିବସ ଆଜି ପାଳନ କରାଯାଉଛି। ୨୦୦୯ ମସିହାରୁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୧୮ ତାରିଖରେ ବାଉଁଶ ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷର ବାର୍ତ୍ତା ରହିଛି- 'ଆଗାମୀ ଦିନରେ ବାଉଁଶ ନବୀକରଣ ପରିକଳ୍ପନା ଓ ସମାଧାନ।' ଦୈନ୍ୟନ୍ଦିନ ଜୀବନରେ ବାଉଁଶର ଆବଶ୍ୟକତା ଏବଂ ଏହାର ଚାଷ ନେଇ ଜନସଚେତନତା ବୃଦ୍ଧି କରିବା ଏହି ଦିବସ ପାଳନର ଲକ୍ଷ୍ୟ।

ବାଉଁଶର ଗୁରୁତ୍ୱକୁ ଉପଲବ୍ଧି କରି କେନ୍ଦ୍ର ସରକାର ଭାରତୀୟ ଜଙ୍ଗଲ ଆଇନ୍‌ର ସଂଶୋଧନ ମାଧ୍ୟମରେ ବାଉଁଶକୁ ବୃକ୍ଷ ବର୍ଗରୁ ବାଦ୍ ଦେଇଥିଲେ। ଫଳରେ ବାଉଁଶ ଚାଷ ଏବଂ ଏହାର ବ୍ୟବସାୟ ନେଇ ପଥ ସୁଗମ ହୋଇଥିଲା। ବାଉଁଶ କାରିଗରଙ୍କୁ ସ୍ୱାବଲମ୍ବୀ କରିବା ତଥା ଏ କ୍ଷେତ୍ରରେ ଜୀବନ ଜୀବିକା ବୃଦ୍ଧି କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ବାଉଁଶ ମିଶନ କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ଅଧିନରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରିଥାନ୍ତି।

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତାକାଲିଠାରୁ

ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଆସନ୍ତା ଶୁକ୍ରବାର ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୬ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳଠାରେ ସର୍ବାଧିକ ୧୨୮ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

**********************************